# Akashvani, Sambalpur

## SAMBALPURI NEWS MORNING BULLETIN

## 2 May 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ- ଶ୍ରମିକ୍ ଦିବସ୍ ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଓୟୁଏଟି କୃଷି ଶିକ୍ଷା ସଦନ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଆନ୍ତର୍ଜାତିକ୍ ଶ୍ରମିକ୍ ଦିବସ୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଶ୍ରମିକ୍‌ମାନ୍‌କର୍ କଠିନ୍ ପରିଶ୍ରମ୍‌କେ ସମ୍ମାନ୍ ଜନେଇଛନ୍ । ସେ କହିଛନ୍, ଶ୍ରମିକ୍‌ମାନେ ରାଜ୍ୟ ଆଉ ଦେଶର୍ ଉନ୍ନତିର୍ ପ୍ରମୁଖ ଶକ୍ତି । ସେଥିର୍‌ଲାଗି ସେମାନ୍‌କୁ ନ୍ୟାୟସଙ୍ଗତ୍ ମଜ୍‌ରୀ ଆଉ ସାମାଜିକ୍ ସୁରକ୍ଷା ଦେବାର୍ ଆବଶ୍ୟକ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

୨୦୨୫-୨୬ ଥି ନିର୍ମାଣ୍ ଶ୍ରମିକ୍ କଲ୍ୟାଣ୍ ବୋର୍ଡ୍ ଅଧୁନ୍‌ଥି ୫ ଲାଖ୍ ନୁ ଅଏତ୍‌କା ଶ୍ରମିକଙ୍କର୍ ପଞ୍ଜିକରଣ୍ ସହେତେ ୫ ଶହ ୪୧ କୋଟି ଟଙ୍କାର୍ ସାହାଜ୍ ବଂଟାଯାଇଛେ । ୬ ହଜାର୍ ଶ୍ରମିକମାନ୍‌କୁ ପରିଚୟ

ପତ୍ର ଆଉ ଶହେ ୫୦ କୋଟି ଟଙ୍କା ସାହାଜ୍ ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ପରିବର୍ତନ୍‌ଶୀଳ ମହଙ୍ଗାଭତା ବଢ଼୍‌ତି ଘୋଷ୍‌ନା କରିଥିବାର୍ ବେଲେ ଦୈନିକ୍ ମଜୁରୀ ୪ ଶହ ୭୨ ଟଙ୍କାନୁ ୬ ଶହ ୨୨ ଟଙ୍କାତକ୍ ବଢ଼ିଛେ ।  ଇ ଅବ୍‌ସରେ ୫ ଝନ୍‌କୁ ମୁଖ୍ୟମନ୍ତ୍ରୀ ଶ୍ରମିକ୍ ବନ୍ଧୁ ସମ୍ମାନ୍ ଦିଆଯାଇଥିଲା ।

ମେଟ୍ରିକ୍ ପରୀକ୍ଷାଫଲ            ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷାଫଲ୍ ଆଏଜ୍ ଉପର୍‌ବେଲା ୪ ବଜେ ବାହାରିବା ବଲି ବୋର୍ଡ଼୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇତାର୍ ସହେତେ ରାଜ୍ୟ ମୁକ୍ତ ବିଦ୍ୟାଲୟ ଆଉ ମଧ୍ୟମା ପରୀକ୍ଷାଫଲ୍ ଭିଲ୍ ପ୍ରକାଶ୍ ପାଏବା । ଛାତ୍ରଛାତ୍ରୀମାନେ ବୋର୍ଡ଼୍ ୱେବ୍‌ସାଇଟ୍ bseodisha.ac.in ଥି ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ । ଇଂଟର୍‌ନେଟ୍ ସୁବିଧା ନାଇଁଥିବାର୍ ଇଲାକାମାନ୍‌କେ ନିଜର୍ ରୋଲ୍ ନମ୍ବର୍‌କେ ଏସ୍‌ଏମ୍‌ଏସ୍ କରିକରି ପରୀକ୍ଷାଫଲ୍ ଜାନିହେବା ବଲି ବୋର୍ଡ଼୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ନୁ ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ମେଟ୍ରିକ୍ ସାର୍ଟିଫିକେଟ୍ ଓଡ଼ିଆ ଭାଷାଥି ମିଲ୍‌ବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଛାତ୍ରଛାତ୍ରୀମାନେ ଇ ବଛର୍ ଓଡ଼ିଆ ଆଉ ଇଂରାଟୀ ଦୁହି ଭାଷାଥି ମେଟ୍ରିକ୍ ସାର୍ଟିଫିକେଟ୍ ପାଇପାର୍‌ବେ ।

ରାଜ୍ୟପାଲ୍ ଆଇ ଆଣ୍ଡ୍ ପି.ଆର୍

ଭାରତ୍‌ର ପ୍ରକୃତ୍ ଶକ୍ତି ଇତାର୍ ବିବିଧତା ଭିତ୍‌ରେ ଏକତା ଅଛେ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମପାଟି କହିଛନ୍ । ଭୁବନେଶ୍ୱର୍ ଲୋକଭବନ୍ ଠାନେ ଗୁଜୁରାଟ୍ ଆଉ ମହାରାଷ୍ଟ୍ର ରାଜ୍ୟର୍ ପ୍ରତିଷ୍ଠା ଦିବସ୍ ପାଲନ୍ ସମାରୋହଥି ଯୋଗ୍ ଦେଇକରି ଲୁକେ ନିଜର୍ ନିଜର୍ ଭିତ୍‌ରେ ସମ୍ମାନ୍, ସାଂସ୍କୃତିକ୍ ସମନ୍ୱୟ ଆଉ ଜାତୀୟ ଏକତା ବଜାୟ ରଖିକରି ଶକ୍ତିଶାଳୀ ରାଷ୍ଟ୍ର ଗଠନ୍ ଲାଗି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ମହାରାଷ୍ଟ୍ର ଆଉ ଗୁଜରାଟ୍‌ର ଲୁକ୍‌କୁ ସେମାନ୍‌କର୍ ରାଜ୍ୟର୍ ପ୍ରତିଷ୍ଠା ଦିବସ୍ ଅବ୍‌ସରେ ଅଭିନନ୍ଦନ୍ ଜନେଇଥିଲେ ।

ଡିଜିପି          ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ନକ୍ସଲ୍‌ମୁକ୍ତ ହେଇଛି ବଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କହିଛନ୍ । ରାଉରକେଲାଠାନେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କର୍ ପଦକ ପ୍ରଦାନ ଉତ୍ସବଥି ଯୋଗଦେଇ କରି ଶ୍ରୀ ଖୁରାନିଆ କହିଛନ୍, ପଡୋଶୀ ଝାର୍‌ଖଣ୍ଡର ସରଣ୍ଡା ଜଙ୍ଗଲ ନ ନକ୍ସଲ୍ ସକ୍ରିୟ ରହିଛନ୍ । ଓଡ଼ିଶା ପୁଲିସ୍ ନକ୍ସଲ୍‌ମାନ୍‌କର୍ କାର୍ଯ୍ୟକଲାପ ଉପ୍‌ରେ ନଜର୍ ରଖିଛନ୍ । ଇ ଅବ୍‌ସରେ ପୁଲିସ୍ ମହାନିର୍ଦ୍ଦେଶକ୍ ଛଅ ଝନ୍ ପୁଲିସ କର୍ମଚାରୀଙ୍କୁ ମେଡାଲ ପ୍ରଦାନ କରିଛନ୍ ।

ଇନ୍ଦୋର୍ ପ୍ରତିନିଧି ଦଲ୍ ଓଡ଼ିଶା ଗସ୍ତ       ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାର୍ ଡ୍ରିଙ୍କ୍ ଫ୍ରମ୍ ଟେପ୍ ଆଉ ଅଠିପହର୍ ଜଲଯୋଗାଣ ମୋଡ୍ରେଲ୍ ଅନୁଧ୍ୟାନ୍ କର୍‌ବାର୍ ଲାଗି ଇନ୍ଦୋର୍ ମ୍ୟୁନିସିପାଲ୍ କର୍ପୋରେସନ୍‌ର ଗୁଟେ ଉଚ୍ଚାଦର୍‌ଜାର୍ ପ୍ରତିନିଧି ଦଲ୍ ଓଡ଼ିଶା ଆସିଛନ୍ । ମ୍ୟୁନିସିପାଲ୍ କର୍ପୋରେସନ୍‌ର କମିଶନର୍ ହିତିକ୍

ସିଂହଲ୍ଙ୍କର୍ ନେତୃତ୍ୱଥି ଆସିଥିବା ଇ ଦଳ ଭୁବ୍ନେଶ୍ୱର୍ ଉନ୍ନତି ଭବନ୍ ନ ଗୁଟେ ବୈଠକ୍ଥି ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ସାଙ୍ଗେ ଇ ମୋଡ଼େଲ୍ ବାବ୍ଦେ ଆଲୋଚନା କରିଥିଲେ । ଇ ଅବ୍ସରେ ପ୍ରତିନିଧି ଦଲ୍ ପୁରୀର ୨୪ ଘଂଟିଆ ପାନୀୟ ଜଳ ପ୍ରକଳ୍ପ କାମ୍ ଅନୁଧ୍ୟାନ୍ କର୍ବାର୍ ସହେତେ ଭୁବ୍ନେଶ୍ୱର୍ ଶାଲିଆସାହି ଅଂଚଳର ସ୍ମାର୍ଟ ମନିଟରିଂ ବ୍ୟବସ୍ଥା ବୁଲି ଦେଖିଥିଲେ ।

ବୈଶାଖ୍ ମେଳା                ଆର୍ଏନ୍ୟୁ/ ସମ୍ବଲପୁର

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ର ପାତାଲ୍ ଗଙ୍ଗା ଠାନେ ବୈଶାଖ୍ ମେଳା ହେଇଯାଇଛେ । ଇ ଅବ୍ସରେ ରାଧାକୃଷ୍ଣ ମନ୍ଦିର୍ ପରିସର୍ ନ ସ୍ୱତନ୍ତ୍ର ପୂଜା, ନାମଯଜ୍ଞ ଆଉ ସଂକୀର୍ତନ୍ କାର୍ଯ୍ୟକ୍ରମ୍ ହେଇଥିଲା । କାର୍ଯ୍ୟକ୍ରମ୍ଥି ବହୁତ୍ଟେ ଭକ୍ତଙ୍କର୍ ସମାଗମ୍ ହେଇଥିଲା ।

ଭୀମଭୋଇ ଜୟନ୍ତୀ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବଲାସିଙ୍ଗା ମହୁଲମୁଲ ମହିମା ଆଶ୍ରମ୍ ଠାନେ ମହିମା ବିକାଶ୍ ପରିଷଦ୍ ଆଉ ଗାଁ ଲୁକ୍‌କର୍ ତର୍‌ଫୁ ଭୀମଭୋଇ ଜୟନ୍ତୀ ପାଲିତ୍ ହେଇଯାଇଛେ । ମହିମା ବିକାଶ୍ ପରିଷଦ୍‌ର ସଭାପତି ବିଭୂତି ଭୂଷଣ୍ ପ୍ରଧାନଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମାବେଶ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍, ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଯୋଗ୍ ଦେଇକରି ଭୀମଭୋଇଙ୍କର୍ ଜୀବନୀ ବାବ୍‌ଦେ ଆଲୋଚନା କରିଥିଲେ ।

ଜନଗଣନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜନଗଣନା ଆଉ ଗୃହ ଗଣନା ପ୍ରକ୍ରିୟା ଜାରି ରହିଛେ । ଭିନ୍ ଭିନ୍ ଜିଲ୍ଲା ନ ଶିକ୍ଷକ୍ ଶିକ୍ଷୟିତ୍ରୀ ଆଉ ସର୍‌କାରୀ କର୍ମଚାରୀମାନେ ଘର୍‌କେ ଘର୍ ବୁଲିକରି ତଥ୍ୟ ସଂଗ୍ରହ କରୁଛନ୍ । ଇଥିର୍‌ଲାଗି ଲକ୍ଷାଧିକ କ୍ଷେତ୍ରୀୟ କର୍ମଚାରୀଙ୍କୁ ଲଗାଯାଇଛେ । ଇଥର ଡିଜିଟାଲ୍ ଜରିଏ ତଥ ସଂଗ୍ରହ କର୍‌ବାର୍ ଉପ୍‌ରେ ଖାସ୍ ଜୋର୍ ଦିଆଯାଇଛେ । ମୋବାଇଲ୍ ଆପ୍ ଜରିଏ ଘର୍, ଲୁକ୍‌କର୍ ବାବ୍‌ଦେ ଭିନ୍ ଭିନ୍ ତଥ୍ୟ

ରେକର୍ଡ଼ କରାଯାଉଛେ । ଜନଗଣନାଥି ପରିବାର୍ ସଦସ୍ୟଙ୍କର୍ ସଂଖ୍ୟା, ଶିକ୍ଷା, ଜଲ ଆଉ ବିଦ୍ୟୁତ୍ ସେବା ସହେତେ ଅଲ୍‌ଗା ମୌଲିକ୍ ସୂଚ୍‌ନା ସଂଗ୍ରହ କରାଯାଉଛେ ।

ଇଣ୍ଡିଆନ୍ ଇନ୍‌ଡୋର୍ ଓପନ୍ ପୋଲ୍ ଭଲ୍ଟ୍ ଆଇ ଆଣ୍ଡ୍ ପି.ଆର୍

କଳିଙ୍ଗ ଷ୍ଟାଡ଼ିୟମ୍‌ର ଇନ୍‌ଡୋର୍ ଆଥ୍‌ଲେଟିକ୍ ସେଂଟର୍ ଠାନେ ଦେଶର୍ ପହେଲା ଦୁଇଦିନିଆ ଇଣ୍ଡିଆନ୍ ଇନ୍‌ଡୋର୍ ଓପନ୍ ପୋଲ୍ ଭଲ୍ଟ୍ ଆଉ କମ୍ବାଇନ୍ ଇଭେଂଟ୍ ପ୍ରତିଯୋଗିତା ଆଏଜ୍‌ଠାନୁ ହେବା । ଇଥି ଦେଶର୍ ଶ୍ରେଷ୍ଠ ଆଥ୍‌ଲେଟ୍ ମାନେ ଯୋଗ୍ ଦେବେ ।